SAMBAD
ସମ୍ବାଦ

## ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ସଂସ୍ଥାପନା ଦିବସ

# ‘୨୦୧୭ରେ ପିଲା ଉପରେ ପୁରୁଣା ବ୍ୟବସ୍ଥା ଲଦା ନଯାଉ’

ସମ୍ବଲପୁର,୧୦।୭(ଇମିସ): ବିଦ୍ୟାର୍ଥୀଙ୍କ ଆବଶ୍ୟତା ଦୃଷ୍ଟିରୁ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଜରୁରୀ। ପିଲାଙ୍କ ଉପରେ ବ୍ୟବସ୍ଥା ଏକ ବୋଝ ନହେଉ। ଦୁର୍ଭାଗ୍ୟର କଥା, ଶିକ୍ଷା ପ୍ରଣାଳୀରେ ପରିବର୍ତ୍ତନ ଆଣିବାକୁ କେହି ସାହାସ କରିପାରୁନାହାନ୍ତି। ୨୦୧୭ ମସିହାର ‘ସାଇବର୍ ପିଲା’ଙ୍କ ଉପରେ ପୁରୁଣାକାଳିଆ ଶିକ୍ଷା ବ୍ୟବସ୍ଥା ଲଦା ନଯାଉ। ପୁରୁଣା ବ୍ୟବସ୍ଥାକୁ ପିଲା ଆଉ ଗ୍ରହଣ କରିବେ ନାହିଁ। ଜାଣତରେ ହେଉ କି ଅଜାଣତରେ ହେଉ, ଆମେ ସମସ୍ତେ ଡିଜିଟାଲ୍ ଦୁନିଆରେ ପ୍ରବେଶ କରି ସାରିଛୁ। ଡିଜିଟାଲ୍ ଜଗତର ସମ୍ଭାବନା ରହିଛି। ଏହାକୁ ଯେତେ ଶୀଘ୍ର ଖୋଲା ହୃଦୟରେ ଗ୍ରହଣ କରିହେବ, ସେତେ ଶୁଭଙ୍କର ବୋଲି ଇନ୍ଦିରା ଗାନ୍ଧି ମୁକ୍ତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ରବିନ୍ଦ୍ର କୁମାର ମତବ୍ୟକ୍ତ କରିଛନ୍ତି। ସ୍ଥାନୀୟ ହୋଟେଲ ଗ୍ରାଣ୍ଡ ଶିବାଠାରେ ଅନୁଷ୍ଠିତ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ସଂସ୍ଥାପନା ଦିବସର ମୁଖ୍ୟ ଅତିଥି ପ୍ରଫେସର ରବିନ୍ଦ୍ର କୁମାର ଶ୍ରେଣୀକକ୍ଷ ଭିତରେ ହେଉଥିବା ଶିକ୍ଷାଦାନ ବ୍ୟବସ୍ଥା ଉପରେ ପ୍ରଶ୍ନ କରିଥିଲେ। ସେ କହିଲେ, କ୍ଲାସ୍ ରୁମ୍ ଭିତରେ ଶିକ୍ଷାର ଠିକ୍ ବିନିମୟ ହୁଏ ନାହିଁ। ଏଠାରେ ଛାତ୍ରମାନେ ଶିକ୍ଷକଙ୍କୁ ପ୍ରଶ୍ନ କରିବାର ସମ୍ଭାବନା ସୀମିତ ଥାଏ। ଡିଜିଟାଲ ଶିକ୍ଷା ବ୍ୟବସ୍ଥା ଏଥିରେ ବ୍ୟତିକ୍ରମ ଆଣିଛି। ଦୂର ଶିକ୍ଷା ପାଠ୍ୟକ୍ରମର ଯୁଗ ସରିଯାଇଛି। ବିଦ୍ୟାର୍ଥୀ ରୁଚି ଅନୁସାରେ ଗ୍ରହଣ କରୁଥିବା ଶିକ୍ଷା ହିଁ ଉଚିତ୍ ଶିକ୍ଷା ବୋଲି ପ୍ରଫେସର ରବିନ୍ଦ୍ର କୁମାର ମତ ରଖିଥିଲେ। ସମ୍ମାନିତ ଅତିଥି ତଥା ସେମ୍‌କା, ନୂଆଦିଲ୍ଲୀର ନିର୍ଦ୍ଦେଶକ ଡ. ସାହିଦ ରସୁଲ ଶିକ୍ଷାର ଗଣତାନ୍ତ୍ରିକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଛାତ୍ରଛାତ୍ରୀ ଏବଂ ଶିକ୍ଷକଙ୍କ ମଧ୍ୟରେ ଥିବା ଅନୁପାତରେ ତାଳମେଳ ରହୁନଥିବାରୁ ଭାରତରେ ଶିକ୍ଷା ବ୍ୟବସ୍ଥା ସଂକଟରେ ରହିଛି। ନିରନ୍ତର ଗବେଷଣା ଏବଂ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ ଦ୍ୱାରା ଶିକ୍ଷାର ପ୍ରଚାରପ୍ରସାର କରିହେବ। ବର୍ତ୍ତମାନ କୌଣସି ଅଂଚଳର ଭୌଗଳିକ ସ୍ଥିତି ଶିକ୍ଷା ପାଇଁ ପ୍ରତିବନ୍ଧକ ନୁହେଁ। ବୈଷୟିକ ଜ୍ଞାନକୌଶଳ ସହ ତାଳଦେଇ ଶିକ୍ଷା ଦାନ କରିବା ବୁଦ୍ଧିମତାର ପରିଚୟ ହେବ ବୋଲି ଡ. ରସୁଲ କହିଥିଲେ। ଅନ୍ୟତମ ଅତିଥି ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀ ଏବଂ ଜିଏମ୍‌ୟୁ କୁଳପତି ପ୍ରଫେସର ସୁଧାଂଶୁ ଶେଖର ରଥ ନିଜନିଜ ବକ୍ତବ୍ୟରେ ଧନ୍ଦାମୂଳକ ଶିକ୍ଷା ଏବଂ କୌଶଳ ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ। ଉତ୍ସବର ଅଧ୍ୟକ୍ଷତା କରି ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶ୍ରୀକାନ୍ତ ମହାପାତ୍ର ବିଗତ ୨ବର୍ଷର ଉପଲବ୍ଧି ଉପରେ ଆଲୋକପାତ କରିଥିଲେ। ଶିକ୍ଷାଦାନ ଏବଂ ପାଠ୍ୟ ଉପକରଣର ଗୁଣବତ୍ତା ବିସ୍ତାର କରିବାକୁ ଆହ୍ୱାନ ଦେଇଥିଲେ। ମୁକ୍ତ ବିଶ୍ୱବିଦ୍ୟାଳୟ ଏଥିରେ କଦାପି ସାଲିସ କରିବ ନାହିଁ ବୋଲି ପ୍ରଫେସର ମହାପାତ୍ର ପ୍ରତିଶ୍ରୁତି ଦେଇଥିଲେ। କୁଳସଚିବ ଜୟନ୍ତ କର ଶର୍ମା ଅତିଥି ପରିଚୟ ଦେଇଥିଲେ। ପ୍ରଶଂସା ରଥ ମଂଚ ପରିଚାଳନା କରିଥିଲେ। ଶେଷରେ ଜ୍ୟୋତି ପ୍ରକାଶ ଧନ୍ୟବାଦ ଦେଇଥିଲେ।




ସ୍ମରଣିକା ଉନ୍ମୋଚନ କରୁଛନ୍ତି ମଞ୍ଚାସୀନ ଅତିଥିଗଣ

### ଇଗ୍ନୁ-ଓଏସ୍‌ଓୟୁ ଏମ୍‌ଓୟୁ

ଉତ୍ସବରେ ଇନ୍ଦିରା ଗାନ୍ଧି ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ ଓ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ବୁଝାମଣା ପତ୍ର ସ୍ୱାକ୍ଷର ହୋଇଛି। ଫଳରେ ଉଭୟ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପରସ୍ପରର ପାଠ୍ୟ ପୁସ୍ତକ ଓ ଅନ୍ୟ ଉପକରଣ ବ୍ୟବହାର କରିପାରିବେ। ସେହିପରି ମୁକ୍ତ ବିଶ୍ୱବିଦ୍ୟାଳୟର ନିଜସ୍ୱ ମୋବାଇଲ୍ ଆପ୍ ଓ ଏକ ଓପନ୍ ଏଜୁକେସନ୍ ରିସୋର୍ସେସ୍ ୱେବ୍‌ସାଇଟ୍ ଲୋକାର୍ପିତ ହୋଇଛି।